# ସାହିତ୍ୟୋତ୍ସବର ଚତୁର୍ଥ ଦିବସ

# 'ସାହିତ୍ୟ ଓ ଆଇନ ପରସ୍ପର ସହ ଜଡ଼ିତ'

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୩(ସମିସ): ନୂଆଦିଲ୍ଲୀର ରବୀନ୍ଦ୍ର ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଏସିଆର ସର୍ବବୃହତ୍ ସାହିତ୍ୟ ମହୋତ୍ସବର ଚତୁର୍ଥ ଦିନରେ ୨୨ଟି କାର୍ଯ୍ୟକ୍ରମରେ ବିଭିନ୍ନ ଭାରତୀୟ ଭାଷାର ୧୪୦ରୁ ଅଧିକ ଲେଖକ ଅଂଶଗ୍ରହଣ କରିଥିଲେ। ପାଞ୍ଚଟି ବହୁଭାଷୀ କବି ସମ୍ମିଳନୀ, ଚାରିଟି ଗଳ୍ପ ସମ୍ମିଳନୀ ସହିତ ସ୍ୱାଧୀନତା ପୂର୍ବ ଭାରତୀୟ ସାହିତ୍ୟରେ 'ରାଷ୍ଟ୍ର'ର ଧାରଣା, କମିକ୍ସ ସାହିତ୍ୟ କି, ଭାରତୀୟ ସମାଜରେ ପରିବର୍ତ୍ତନର ପ୍ରତିଫଳନ ଭାବରେ ମଞ୍ଚ ନାଟକ, ସାଂସ୍କୃତିକ ରୂପରେ ବିଭିନ୍ନ ଭାଷାରେ ସାହିତ୍ୟକୃତି ଅନୁବାଦ କରିବାରେ ଆହ୍ୱାନ, ପ୍ରବାସୀ ସାହିତ୍ୟରେ ମାତୃଭୂମି ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଆଜିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର 'ସାହିତ୍ୟ ଏବଂ ସାମାଜିକ ନ୍ୟାୟ'ରେ ଅଧ୍ୟକ୍ଷତା କରିଥିଲେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର। ଏହି ଆଲୋଚନାରେ ଏ.ପି. ମାହେଶ୍ୱରୀ, ମୁକୁଲ କୁମାର ଏବଂ ଅଶ୍ୱିନୀ କୁମାର ଅଂଶଗ୍ରହଣ କରିଥିଲେ। ସଭାପତିତ୍ୱ ଭାଷଣରେ ଜଷ୍ଟିସ୍ ଦୀପକ ମିଶ୍ର କହିଥିଲେ, ସାହିତ୍ୟ ଏବଂ ଆଇନ ପରସ୍ପର ସହିତ ଗଭୀର




ଭାବରେ ଜଡ଼ିତ। ସାମାଜିକ ନ୍ୟାୟ ସହିତ ସାହିତ୍ୟର ଏକ ସୁଖଦ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ପ୍ରଭାବଶାଳୀ ସମ୍ପର୍କ ରହିଛି। ଅନ୍ୟ ଏକ ସମ୍ମାନର ଶୀର୍ଷକ 'ଭାରତୀୟ ସାହିତ୍ୟିକ ପରମ୍ପରା: ଐତିହ୍ୟ ଏବଂ ବିକାଶ'। ଏଥିରେ ପ୍ରସିଦ୍ଧ ବଙ୍ଗଳା ବିଦ୍ୱାନ ଏବଂ ଅନୁବାଦକ ସୁକାନ୍ତ ଚୌଧୁରୀ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ମକରନ୍ଦ ପରାଞ୍ଜପେ ମୁଖ୍ୟ ଭାଷଣରେ ଭାରତୀୟ ନବଜାଗରଣର ଧାରଣା ଉପରେ ବକ୍ତବ୍ୟ ରଖିଥିଲେ। ଏକାଡେମୀର ସଭାପତି ମାଧବ କୌଶିକ ସଭାପତିତ୍ୱ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଳଦେବ ଭାଇ ଶର୍ମା, ମମତା କାଳିଆ, ମୃଦୁଳା ଗର୍ଗ, ଚନ୍ଦ୍ରଶେଖର କମ୍ବାର, ଅର୍ଜୁନଦେବ ଚରଣ, ଏ. କୃଷ୍ଣରାଓ, ସୁମନ୍ୟୁ ଶତପଥୀ, ବୃନ୍ଦିନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।